# ଆନ୍ଦୋଳନକୁ ଫେରିବେ ସ୍ୱାସ୍ଥ୍ୟମିତ୍ର

ଭୁବନେଶ୍ୱର, ୨୦।୯ (ନି.ପ୍ର): ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ହସ୍ପିଟାଲରେ କାର୍ଯ୍ୟରତ ୯୯୩ ସ୍ୱାସ୍ଥ୍ୟମିତ୍ରଙ୍କୁ ଅନ୍ୟାୟ ଭାବେ ଛଟେଇ କରାଯାଇଛି। ଏହାର ପ୍ରତିବାଦରେ ପୁନଃ ନିଯୁକ୍ତି ଦାବି ନେଇ ସ୍ୱାସ୍ଥ୍ୟମିତ୍ର ଜୁନ ୨୨ରୁ ଅଗଷ୍ଟ ୨ ପର୍ଯ୍ୟନ୍ତ ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିଲେ। ଏହି ସମୟରେ ସରକାର ଆଲୋଚନା କରିଲେ ନାହିଁ। ରାଷ୍ଟ୍ରପତିଙ୍କ ଆଗମନକୁ ଦୃଷ୍ଟିରେ ପ୍ରଶାସନକୁ ସମ୍ମାନ ଜଣାଇ ଧାରଣାରୁ ଓହରିଥିଲେ। ତେବେ ଆଗକୁ ବିଧାନସଭା ଅଧିବେଶନ ଆସୁଥିବାବେଳେ ପୁନଃ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିବାକୁ ପୁଲିସ ପ୍ରଶାସନକୁ ଅନୁମତି ଲୋଡ଼ିଥିଲେ ହେଁ ଅନୁମତି ମିଳି ନ ଥିଲା। ଶେଷରେ ସ୍ୱାସ୍ଥ୍ୟମିତ୍ରମାନେ ଛାତ୍ର କଂଗ୍ରେସର ରାଜ୍ୟ ସଭାପତି ବିଭୂତି ଭୂଷଣ ମହାପାତ୍ରଙ୍କ ସହଯୋଗରେ ଡିସିପିଙ୍କୁ ଭେଟି ସମସ୍ୟା ବିଷୟରେ ଅବଗତ କରାଇଛନ୍ତି। ପୁନଃ ଆବେଦନ ପରେ ଅନୁମତି ଦେବା ପାଇଁ ଡିସିପି ପ୍ରତିଶ୍ରୁତି ଦେଇଥିବା ନେଇ ସମ୍ପାଦକ ମାନସ କୁମାର ଲେଙ୍କା ସୂଚନା ଦେଇଛନ୍ତି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୧୮ରେ ସ୍ୱାସ୍ଥ୍ୟମିତ୍ରଙ୍କୁ ନିଯୁକ୍ତି ଦେଇଥିଲେ। ଯେଉଁମାନେ ବିଭିନ୍ନ ସରକାରୀ ଓ ଘରୋଇ ହସ୍ପିଟାଲରେ କାର୍ଯ୍ୟ କରୁଥିଲେ। ହଠାତ ଜୁନ ୩୦ରେ କାର୍ଯ୍ୟ ଶେଷ ନେଇ ମେ ୨୯ରେ ନୋଟିସ ଦେଇଥିଲେ। ଲୋୟର ପିଏମ୍‌ଜିରେ ପ୍ରାୟ ୪୨ ଦିନ ଭିନ୍ନ ଭିନ୍ନ ଢଙ୍ଗରେ ପ୍ରତିବାଦ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସରକାର କୌଣସି କାର୍ଯ୍ୟପନ୍ଥା ଗ୍ରହଣ କଲେ ନାହିଁ। ଦାବି ପୂରଣ ନେଇ ପୁନଃ ଧାରଣା ଦେବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।



ଡିସିପିଙ୍କୁ ଭେଟିଲେ, ଅନୁମତି ମାଗିଲେ

### ୨୨୫ କୋଟିର ହାଶିଶ ତେଲ ଜବତ ଘଟଣାରେ ମାମଲା ରୁଜୁ କଲା ଏସ୍‌ଟିଏଫ୍

# ରିମାଣ୍ଡରେ ଆସିବେ ମାଫିଆ; ଖୋଲିବ ଆନ୍ତଃରାଜ୍ୟ ଗୁମର

- ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କୁ ତଦନ୍ତଭାର
- କେରଳମ୍ ଓ ଆନ୍ଧ୍ରପ୍ରଦେଶରେ ଲୁଚିଛନ୍ତି ମାଷ୍ଟରମାଇଣ୍ଡ

ଭୁବନେଶ୍ୱର,୨୦।୯(ନି.ପ୍ର): କୋରାପୁଟ ଜିଲା ପାଡୁଆ ଥାନା ଅଞ୍ଚଳରୁ ୨୨୫ କୋଟି ଟଙ୍କାର ତରଳ ଗଞ୍ଜେଇ (ହାଶିଶ ତେଲ) ଜବତ ମାମଲାରେ ଆନ୍ତଃରାଜ୍ୟ ଲିଙ୍କ୍ ସାମ୍ନାକୁ ଆସିବା ପରେ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଅପରାଧ ଶାଖା(ଏସ୍‌ଟିଏଫ୍) ମାମଲା ରୁଜୁ କରିଛି। କେରଳମ୍, ଆନ୍ଧ୍ରପ୍ରଦେଶ ସମେତ ଆନ୍ତଃରାଜ୍ୟ ମାଫିଆଙ୍କ ଗୁମର ଖୋଲିବାକୁ ଏସ୍‌ଟିଏଫ୍ ତନାଘନା ଆରମ୍ଭ କରିଛି। ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କୁ ତଦନ୍ତଭାର ଦିଆଯାଇଛି। ଉକ୍ତ ମାମଲାରେ ମାଷ୍ଟରମାଇଣ୍ଡ କେରଳମ୍‌ର ଏଲେନ ଜୟରାଜଙ୍କ ସମେତ କରିନ ଡି, ଶ୍ରବଣ, କୋରାପୁଟର ଲକ୍ଷ୍ମଣ ଖିଲାର, ଈଶ୍ୱର, ତ୍ରିନାଥ ବଣ୍ଡା, ବଙ୍ଗାରାମ, ରାମୁ ଏବଂ ଆନ୍ଧ୍ରପ୍ରଦେଶ କେ. ପ୍ରସାଦ ସହ ଏକାଧିକଙ୍କ ନାମରେ ମାମଲା ରୁଜୁ ହୋଇଛି। ମାମଲାରେ ମୁଖିଆ ଜୟରାଜ ସମେତ ୭ଜଣ ଗିରଫ ହୋଇଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଜେରା କରିବାକୁ ଯୋଜନା କରାଯାଉଛି।

ସୂଚନା ଅନୁଯାୟୀ; ପାଡୁଆ ଥାନା ଅଧୀନ ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମାନ୍ତରେ ଥିବା ଜଲାପୁଟ ଜଳଭଣ୍ଡାର ନିକଟସ୍ଥ ଏକ ଘଞ୍ଚ ଜଙ୍ଗଲ(ଦ୍ୱୀପପୁଞ୍ଜ)ରେ ଅସ୍ଥାୟୀ ପ୍ରକ୍ରିୟାକରଣ କେନ୍ଦ୍ର ଖୋଲି ହାଶିଶ ତେଲ ପ୍ରସ୍ତୁତ କରାଯାଉଥିଲା। ଗତ ଫେବୃଆରୀରେ କୋରାପୁଟ ପୁଲିସ ସେଠାରେ ଚଢ଼ଉ କରି ୧୮୦୦ ଲିଟର ହାଶିଶ ତେଲ ଓ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିଲା। ଉକ୍ତ ମାମଲାରେ ୭ଜଣଙ୍କୁ ଗିରଫ କରାଯାଇଥିଲା। ଅନ୍ୟପକ୍ଷରେ ଗଞ୍ଜେଇ ତେଲ ପ୍ରସ୍ତୁତ କରୁଥିବା ବେଳେ ମାଷ୍ଟରମାଇଣ୍ଡ ଜୟରାଜଙ୍କୁ ୨୦୨୦ରେ କେରଳମ୍ ପୁଲିସ ଗିରଫ କରିଥିଲା। ପୂର୍ବରୁ ତା' ନାମରେ ଡବଲ୍ ମର୍ଡର ଭଳି ସଙ୍ଗିନ ମାମଲା ରହିଛି। ଆନ୍ତଃରାଜ୍ୟ ଲିଙ୍କ୍ ସହ ଫେରାର ମାଫିଆଙ୍କୁ ଧରିବାକୁ କ୍ରାଇମବ୍ରାଞ୍ଚ ଡିଜିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଟିଏଫ୍ ମାମଲା ରୁଜୁ କରିଛି। ଉକ୍ତ ମାମଲାରେ କୋରାପୁଟ ଜିଲାର ଡିଏସ୍‌ପି ହୃଷୀକେଶ ମେହେର ତଦନ୍ତକାରୀ ଅଧିକାରୀ ଥିଲେ। ସେ ତଦନ୍ତ ସମ୍ପର୍କିତ ସମସ୍ତ କାଗଜପତ୍ର ତଦନ୍ତଭାର ଦାୟିତ୍ୱ ନେଇଥିବା ଏସ୍‌ଟିଏଫ୍‌ର ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କୁ ଦେଇଛନ୍ତି।


## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଚରମ୍ପା ଶାଖା (୦୫୧୫୯), ସା/ପୋ: ଚରମ୍ପା, ଜିଲ୍ଲା: ଭଦ୍ରକ
ରାଜ୍ୟ: ଓଡ଼ିଶା, ପିନ୍-୭୫୬୧୦୧
ଇ-ମେଲ: sbi.05159@sbi.co.in, ମୋ.: ୯୬୪୦୭୪୯୮୮୯

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିଗୁଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ଅନୁଯାୟୀ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିଗୁଡିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ଇ-ନିଲାମ ତାରିଖ ଏବଂ ସମୟ: ତା୨୫.୦୯.୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ମଧ୍ୟାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ**
**ଗାଡ଼ିଗୁଡିକ ତନଖି କରିବାର ତାରିଖ ଓ ସମୟ: ୨୪.୦୯.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ**

| କ୍ର. ନଂ. | ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଗାଡି ଗୁଡ଼ିକର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ମୁକ୍ତିକାନ୍ତ ଦାସ, ମାର୍ଫତ: ରବୀନ୍ଦ୍ର ଦାସ, ସା: ଏଡ଼ତାଳ, ପୋ: ବାସୁଦେବପୁର, ଭଦ୍ରକ, ପିନ୍-୭୫୬୧୨୪ / ଆକାଉଣ୍ଟ ନଂ.: ୪୨୫୦୦୬୦୦୮୫୮ | Model: MARUTI SUZUKI SWIFT ZXI, Regn. No.: OD01 AU 8444, Engine No.: K12NP1551392, Chassis No.: MBHCZCB3SPLD66855 | ୧୪.୦୭.୨୦୨୬ ସୁଦ୍ଧା ଟ.୯,୪୫,୬୭୫/- + ୧୫.୦୭.୨୦୨୬ ଠାରୁ ସେବାବଦ୍ଧ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୨,୯୭,୦୦୦/- / ଟ.୨୯,୭୦୦/- / ଟ.୩,୦୦୦/- |

ବିଡ଼ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ **PSB Alliance Pvt. Ltd.**ର ୱେବସାଇଟ୍ **(https://baanknet.com)** ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ **support.BAANKNET@psballiance.com** କୁ ଇମେଲ କରନ୍ତୁ। ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ **PSB Alliance Pvt. Ltd.**, ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ।

**ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍:**
**https://sbi.co.in & https://baanknet.com**

ଗାଡିଗୁଡ଼ିକର ପାର୍କିଂ ସ୍ଥାନ: ମେସର୍ସ ଶ୍ରୀରାମ ୟାର୍ଡ଼, ଇଛାପୁର, ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୨୭

ଗାଡ଼ି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ମୋ.: ୯୬୪୦୭୪୯୮୮୯

ସ୍ଥାନ : ଚରମ୍ପା, ତାରିଖ : ୧୯.୦୯.୨୦୨୬

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ


Pg NO - 05 Samaja 21/09/26